# NATIONAL NEWS BULLETIN (ODIA)

**1 May- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୱେଭ୍‌ସ ଶିଖର ସମ୍ମିଳନୀ ବିଶ୍ୱ ମଞ୍ଚରେ ଭାରତର ସୃଜନଶୀଳନ ଶକ୍ତିକୁ ପ୍ରତିନିଧିତ୍ୱ କରୁଛି; କହିଛନ୍ତି ପ୍ରଧାନମନ୍ତ୍ରୀ

- ଜାତିଗତ ଜନଗଣନା ନିଷ୍ପତ୍ତି ସାମାଜିକ ନ୍ୟାୟ ପ୍ରତି ଏନ୍.ଡି.ଏ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଶ୍ରମିକ ଶ୍ରେଣୀର ଅବଦାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଆନ୍ତର୍ଜାତିକ ଶ୍ରମିକ ଦିବସ

- ମହାରାଷ୍ଟ୍ର ଓ ଗୁଜୁରାଟର ଆଜି ସ୍ଥାପନା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ଆଜିର ମ୍ୟାଚ୍‌ରେ ମୁହାଁମୁହିଁ ହେବେ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ

# ପିଏମ୍-ୱେଭ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇର ଜିଓ ୱାର୍ଲଡ୍ ସମ୍ମିଳନୀ କେନ୍ଦ୍ରରେ ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ–ୱେଭ୍ସ-୨୦୨୫କୁ ଉଦ୍‌ଘାଟନ କରିଛନ୍ତି। ୱେଭ୍ସ-୨୦୨୫ର ବାର୍ତ୍ତା ରହିଛି "Connecting Creators : Connecting Countries-ନିର୍ମାତାମାନଙ୍କୁ ଯୋଡ଼ିବା, ଦେଶ ଯୋଡ଼ିବା" । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଏହା ଏକ ସଂକ୍ଷିପ୍ତ ନାମ ନୁହେଁ ବରଂ ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସମ୍ପର୍କର ଏକ ପ୍ରଚେଷ୍ଟା। ସେ କହିଛନ୍ତି, ଏହି ବିଶ୍ୱସ୍ତରୀୟ ମଞ୍ଚ କଳାକାର ଏବଂ ନିର୍ମାତାଙ୍କ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ। ୧୦୦ରୁ ଅଧିକ ଦେଶର କଳାକାର, ନିବେଶକ, ଉଦ୍ଭାବକ ଏବଂ ନୀତିନିର୍ମାତା ମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିବାରୁ ୱେଭ୍ସ-୨୦୨୫ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ୱେଭ୍ସ ବଜାରର ଏହି ପଦକ୍ଷେପକୁ ପ୍ରଶଂସା କରି ଶ୍ରୀ ମୋଦୀ କହିଛନ୍ତି, ଏହା ନିର୍ମାତା ଏବଂ ସୃଜନଶୀଳ ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିବ।

**V/O -PM WAVES**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ୱେଭ୍ସ ଶିଖର ସମ୍ମିଳନୀ ବିଶ୍ୱ ମଞ୍ଚରେ ଭାରତର ସୃଜନଶୀଳ ଶକ୍ତିକୁ ପ୍ରଦର୍ଶନ କରୁଛି। ସେ କହିଛନ୍ତି, ଆଜି ଭାରତ ଚଳଚ୍ଚିତ୍ର ଉତ୍ପାଦନ, ଡିଜିଟାଲ ବିଷୟବସ୍ତୁ, ଗେମିଂ, ଫ୍ୟାସନ, ସଂଗୀତ ଏବଂ ଲାଇଭ୍ କନସର୍ଟ ପାଇଁ ବିଶ୍ୱସ୍ତରୀୟ ହବ୍ ଭାବରେ ଉଭା ହୋଇଛି।

ଦେଶ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବା ଲାଗି ପ୍ରୟାସ କରୁଛି ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟ-ଅପ୍ ଇକୋ ସିଷ୍ଟମ ରହିଛି

ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ବିକଶିତ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଛି।

**V/O - PM-CREATE-IN-INDIA**

# ବୈଷ୍ଣବ-ୱେଭ୍ସ ସମିଟ୍

ୱେଭ୍ସ ଶିଖର ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଶିଖର ସମ୍ମିଳନୀ ନିର୍ମାତାମାନଙ୍କୁ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିବ ଏବଂ ନୂତନ ଜ୍ଞାନକୌଶଳ ବିଷୟରେ ସୂଚନା ପ୍ରଦାନ କରିବ। ସେ କହିଛନ୍ତି, ୪୦୦ କୋଟି ଟଙ୍କାର ପାଣ୍ଠିରେ ମୁମ୍ବାଇରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ପ୍ରତିଷ୍ଠା କରାଯିବ ଏବଂ ଏହା ବିଶ୍ୱ ସୃଜନଶୀଳ ଇକୋ ସିଷ୍ଟମରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ୱେଭ୍ସ ସମିଟ୍ ମୁମ୍ବାଇ

ୱେଭ୍ସ ଶିଖର ସମ୍ମିଳନୀରେ ଯୋଗଦେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଛନ୍ତି, ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେବାକୁ ଯାଉଛି। ସେ କହିଛନ୍ତି, ମନୋରଞ୍ଜନ ଅର୍ଥନୀତି ହେଉଛି ଭାରତ ଏବଂ ମହାରାଷ୍ଟ୍ର ପାଇଁ ନୂତନ ବିକାଶ ଇଞ୍ଜିନ୍। ଏହି ଶିଖର ସମ୍ମିଳନୀ ଜରିଆରେ ଭାରତ ଏକ ସୃଜନଶୀଳ ମହାଶକ୍ତିରେ ପରିଣତ ହୋଇ ଆଗାମୀ ଦିନରେ ବିଶ୍ୱର ନେତୃତ୍ୱ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଶ୍ରୀ ଫଡ଼ନବିସ କହିଛନ୍ତି।

ଏହି ଅବସରରେ ଶିଳ୍ପପତି ମୁକେଶ ଅମ୍ବାନୀ ଭାରତର ମନୋରଞ୍ଜନ ଏବଂ ସାଂସ୍କୃତିକ ଶିଳ୍ପକୁ ମହାନ୍ ଶକ୍ତି ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ୱେଭ୍ସ ହେଉଛି ଏଭଳି ଏକ ମଞ୍ଚ ଯେଉଁଠାରେ ନିର୍ମାତା ଏବଂ ସୃଜନଶୀଳ ସମ୍ପନ୍ନ ବ୍ୟକ୍ତିମାନେ ବିଶ୍ୱରେ ମନୋରଞ୍ଜନ ଶିଳ୍ପ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣିପାରିବେ। ଏବେ ଏହି ଶିଳ୍ପ ୧୮ ବିଲିୟନ୍ ଡଲାର ସମ୍ବଳିତ ହୋଇଥିବା ବେଳେ ଆଗାମୀ ଦଶନ୍ଧିରେ ଏହା ୧୦୦ ବିଲିୟନ୍ ଡଲାରେ ପହଁଞ୍ଚିବ। ବିଶ୍ୱରେ ଭାରତର କଳା, ସଂସ୍କୃତି ଏବଂ ମନୋରଞ୍ଜନ କ୍ଷେତ୍ରର ନୂତନତ୍ୱକୁ ପହଁଞ୍ଚାଇବା ପାଇଁ ୱେଭ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁକେଶ ଅମ୍ବାନୀ କହିଛନ୍ତି।

# ଧର୍ମେନ୍ଦ୍ର ପ୍ରଧାନ- କାଷ୍ଟ ସେନସସ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତିଗତ ଜନଗଣନା ନିଷ୍ପତ୍ତି ସାମାଜିକ ନ୍ୟାୟ ପ୍ରତି ଏନ୍.ଡି.ଏ ସରକାରଙ୍କ  ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, ଏହି ନିଷ୍ପତ୍ତି ହଠାତ୍ ନିଆଯାଇନାହିଁ ବରଂ ଏହା ସରକାରଙ୍କ ବିଚାରବିମର୍ଶ ଓ ଉଦ୍ଦେଶ୍ୟମୂଳକ ଆଭିମୁଖ୍ୟର ପରିପ୍ରକାଶ କରୁଛି।

**V/O - DHARMENDRA-ON-2021-CENSUS**

# ଶାହା–ଲେବର ଡେ’

ଶ୍ରମିକ ଶ୍ରେଣୀର ଅବଦାନକୁ ସମ୍ମାନ ଦେବା ଏବଂ ସେମାନଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ

ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି । ସମଗ୍ର ବିଶ୍ୱରେ ଅର୍ଥନୈତିକ ଏବଂ ସାମାଜିକ ଅଧିକାରକୁ ସୁରକ୍ଷିତ କରିବା କ୍ଷେତ୍ରରେ ଶ୍ରମିକଙ୍କ ବଳିଦାନକୁ ଏହି ଦିବସରେ ସ୍ମରଣ କରାଯାଉଛି । ଆଜିର ଦିବସକୁ ମଧ୍ୟ ମଇ ଦିବସ କୁହାଯାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ କହିଛନ୍ତି, ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଲାଗି ଦେଶର ଶ୍ରମ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**V/O -PM LABOUR DAY**

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶର ସମସ୍ତ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଶ୍ରମିକମାନେ ବିକଶିତ ଭାରତ ଗଠନର ସଂକଳ୍ପକୁ ସଫଳ କରିବା ନେଇ ଦିନରାତି କଠିନ ପରିଶ୍ରମ କରୁଛନ୍ତି ।

# ଏଲ୍‌ଓସି- ଫାୟାରିଂ

ଜାମ୍ମୁ-କାଶ୍ମୀରର ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନ  ଲଗାତାର ସପ୍ତମ ରାତିରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଉତ୍ତେଜନା ସୃଷ୍ଟି କରିଛି । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତୀୟ ସେନା' ପାକ୍ ସେନାର ଏଭଳି କାର୍ଯ୍ୟର ଉଚିତ ଜବାବ ଦେଇଛନ୍ତି । ନିୟନ୍ତ୍ରଣ ରେଖା ଅତିକ୍ରମ କରି କୁପୱାରା, ଉରି ଓ ଅଖନୁର ସେକ୍ଟରରେ ପାକ୍ ସେନା ପୋଷ୍ଟଗୁଡ଼ିକ ଗୁଳିଚାଳନା କରିଛନ୍ତି । ଅନ୍ୟପକ୍ଷରେ ନିୟନ୍ତ୍ରଣ ରେଖା

ଅତିକ୍ରମ କରି ହୋଇଥିବା ଗଳିଚାଳନାର ଭାରତ ଜବାବ ଦେଇଛି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି ।

## ମହା-ଗୁଜରାଟ୍ - ଫାଉଣ୍ଡେସନ୍ ଡେ

ମହାରାଷ୍ଟ୍ର ଏବଂ ଗୁଜରାଟ୍‌ର ଆଜି ସ୍ଥାପନା ଦିବସ ପାଳନ କରାଯାଉଛି । ମହାରାଷ୍ଟ୍ରର ୬୬ତମ ପ୍ରତିଷ୍ଠା ଦିବସ ଅବସରରେ ଦେଶର ବିକାଶରେ ଗତ ୬୫ ବର୍ଷ ମଧ୍ୟରେ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ସାହିତ୍ୟ ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ରାଜ୍ୟ ଅନେକ ସଫଳତା ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ରର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମି ମହାରାଷ୍ଟ୍ରର ଲୋକମାନଙ୍କ ମଧ୍ୟରେ ସର୍ବଦା ଦେଶଭକ୍ତିର ଭାବନା ଏବଂ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ରହିଛି। ମହାତ୍ମା ଫୁଲେ, ସାବିତ୍ରୀ ବାଇ ଫୁଲେ, ମହାଦେବ ଗୋବିନ୍ଦ ରାନାଡ଼େ, ବାଲ ଗଙ୍ଗାଧର ତିଲକ, ଗୋପାଳ କୃଷ୍ଣ ଗୋଖଲେ ଏବଂ ବାବା ସାହେବ ଆମ୍ବେଦକରଙ୍କ ସମେତ ରାଜ୍ୟର ମହାନ୍ ବ୍ୟକ୍ତିମାନେ ସମାଜକୁ ଏକ ନୂଆ ଦିଗ ଦେଇଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମହାରାଷ୍ଟ୍ରର ସାମାଜିକ ସଂସ୍କାର ଏବଂ ଅର୍ଥନୈତିକ ନେତୃତ୍ୱ ସବୁ ସମୟରେ ଜାତୀୟ ଗୌରବର ଉତ୍ସ ହୋଇ ରହିଛି ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ର ସ୍ଥାପନା ଦିବସ ଅବସରରେ ମହାରାଷ୍ଟ୍ରବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଭାରତର ବିକାଶରେ ମହାରାଷ୍ଟ୍ର ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେ କହିଛନ୍ତି, ମହାରାଷ୍ଟ୍ର ହେଉଛି ପ୍ରଗତିର ଏକ ମଜଭୁତ ସ୍ତମ୍ଭ।

ଆଜି ମଧ୍ୟ ଗୁଜରାଟର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି । ଭାଷାଭିତ୍ତିରେ ବମ୍ବେ ରାଜ୍ୟରୁ ଅଲଗା ହେବା ପରେ ୧୯୬୦ ମସିହା ଆଜିର ଦିନରେ ଗୁଜରାଟ ରାଜ୍ୟ ଗଠନ ହୋଇଥିଲା ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଜୁରାଟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଗୁଜୁରାଟ ହେଉଛି ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ଭଟେଲଙ୍କ ଭଳି ବ୍ୟକ୍ତିତ୍ୱଙ୍କ ରାଜ୍ୟ। ସେ କହିଛନ୍ତି, ଗୁଜୁରାଟର ଲୋକମାନେ ସେମାନଙ୍କ ପ୍ରତିଭା, ନିଷ୍ଠା ଏବଂ କଠିନ ପରିଶ୍ରମ ବଳରେ ସମଗ୍ର ବିଶ୍ୱରେ ଭାରତର ସମ୍ମାନ ବୃଦ୍ଧି କରିଛନ୍ତି। ରାଜ୍ୟ' ପ୍ରଗତିର ନୂଆ ମାନଦଣ୍ଡ ସ୍ଥାପନ କରିବ ଏବଂ ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗୁଜୁରାଟକୁ ଆଗକୁ ବଢ଼ିବା ସହ ନୂତନ ଶିଖରରେ ପହଁଞ୍ଚିବା ପାଇଁ କାମନା କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହାର ସଂସ୍କୃତି, ଉଦ୍ୟୋଗୀ ଭାବନା ଏବଂ ଗତିଶୀଳତା ଗୁଜୁରାଟକୁ ସ୍ୱତନ୍ତ୍ର କରିଛି ବୋଲି କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ଗୁଜୁରାଟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଗୁଜୁରାଟ ଏହାର ବିବିଧ, ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଏବଂ ଆତିଥେୟତା ପାଇଁ ପ୍ରସିଦ୍ଧ। ଗୁଜୁରାଟ ସବୁବେଳେ ନିଜର ପ୍ରତିଭା, କଠିନ ପରିଶ୍ରମ ଏବଂ ବ୍ୟାବହାରିକ ଦକ୍ଷତା ପାଇଁ ସମଗ୍ର ବିଶ୍ୱକୁ ଆକର୍ଷିତ କରି ଆସିଛି ବୋଲି କହିଛନ୍ତି।

## ଆଇପିଏଲ୍-କ୍ରିକେଟ

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ଆଜିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ। କ୍ରିକେଟ ଜଗତରେ ଅଭୁତପୂର୍ବ ବ୍ୟାଟିଂ ପ୍ରଦର୍ଶନ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେ ୩୫ଟି ବଲ୍‌ରେ ଶତକ ହାସଲ କରିଥିଲେ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୪ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ପରାସ୍ତ କରିଥିଲା। ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ୧୯ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ଚେନ୍ନାଇ ସୁପରକିଙ୍ଗ୍‌ସ ୧୯୦ ରନ୍ ସ୍କୋର କରିଥିଲା। ଏହାର ଜବାବରେ ୬ ୱିକେଟ୍ ବିନିମୟରେ ୨ଟି ବଲ୍ ବାକିଥାଇ ପଞ୍ଜାବ କିଙ୍ଗ୍‌ସ ୧୯୪ ରନ୍ ସ୍କୋର କରି ବିଜୟ ହାସଲ କରିଥିଲା।